**140.** ଘୋଷିତ ଜ୍ଞାନ ହେଉଛି -

(1) ଗୋଟିଏ ଭାଷାରେ ଶବ୍ଦ ଉଚ୍ଚାରଣ ଜାଣିବା

(2) ବ୍ୟାକରଣଗତ ପାଠ ବିଷୟରେ ଜ୍ଞାନ ଲାଭ କରିବା

(3) ଏକ ବ୍ୟାକରଣ ପାଠ୍ୟରେ ଭୁଲ୍ ଚିହ୍ନଟ ବିଷୟରେ ଜାଣିବା

(4) ବ୍ୟାକରଣ ପାଠ କେମିତି କରାଯିବ ସେ ବିଷୟରେ ଜାଣିବା

**141.** ଯେଉଁ ପରିସ୍ଥିତିରେ ବସ୍ତୁର ବିପରୀତଧର୍ମୀ ପଦାର୍ଥର ସାହାଯ୍ୟ ବସ୍ତୁ ସମ୍ପର୍କରେ ଅଧିକ ଜାଣିବା ପାଇଁ ନିଆଯାଏ, ସେ ଧରଣର ପଦ୍ଧତିକୁ ଭାଷା ଶିକ୍ଷାର୍ଥୀଙ୍କର କେଉଁ ପ୍ରକାର ବିକାଶରେ ବ୍ୟବହାର କରାଯାଇଥାଏ ?

(1) ଆଲୋଚନାତ୍ମକ ବିଚାର
(2) ପଦ୍ଧତି ଆଧାରିତ କୌଶଳ
(3) ଆଲୋଚନାତ୍ମକ ସାକ୍ଷରତା
(4) ସାକ୍ଷରତା ବିକାଶ

**142.** ଭାଷା ପରିବର୍ତ୍ତନ (Translanguaging) କ'ଣ ?

(1) ଭାଷା ଶିକ୍ଷା ଓ ଶିକ୍ଷଣ ସମୟରେ ଗୋଟିଏ ଭାଷାରୁ ଅନ୍ୟ ଭାଷାକୁ ଯିବା

(2) ସମୟର ପରିବର୍ତ୍ତନ ଅନୁସାରେ ଭାଷା କିପରି ପରିବର୍ତ୍ତନ ହୁଏ, ଜାଣିବା

(3) କ୍ଲାସରୁମ୍‌ରେ ଏକରୁ ଏକାଧିକ ଭାଷାକୁ ସମ୍ବଳ ଭାବେ ବ୍ୟବହାର କରିବାର ଏକ ଶିକ୍ଷଣଗତ ଧାରା

(4) ଶିକ୍ଷାନୀତି ଅନୁସାରେ ଯେତେଗୁଡ଼ିଏ ଭାଷା ବିଦ୍ୟାଳୟ ସ୍ତରରେ ଶିକ୍ଷା ଦିଆଯାଏ, ତା' ମଧ୍ୟରୁ ଗୋଟିଏ ଭାଷା

**143.** ଭାଷାରେ ଶୁଦ୍ଧ ଲିଖନ ଆହରଣରେ କେଉଁ ପଦ୍ଧତିଟି ସଂପୃକ୍ତ ?

(1) ବୁଦ୍ଧିମନ୍ଥନ-ଆଉଟ୍‌ଲାଇନ୍ ପ୍ରସ୍ତୁତ କରିବା-ଚିଠା ପ୍ରସ୍ତୁତି-ପଏଣ୍ଟ ଲେଖିନେବା-ସମ୍ପାଦନା-କାର୍ଯ୍ୟଶେଷ କରିବା

(2) ବୁଦ୍ଧିମନ୍ଥନ-ପଏଣ୍ଟ ଲେଖିନେବା-ଚିଠା ଲେଖିବା-ଆଉଟ୍‌ଲାଇନ୍ କରିବା-ସମ୍ପାଦନା-କାର୍ଯ୍ୟଶେଷ କରିବା

(3) ବୁଦ୍ଧିମନ୍ଥନ-ପଏଣ୍ଟ ଲେଖିନେବା-ଚିଠା ଲେଖିବା-ସମ୍ପାଦନା-ଆଉଟ୍‌ଲାଇନ୍ କରିବା-କାର୍ଯ୍ୟଶେଷ କରିବା

(4) ବୁଦ୍ଧିମନ୍ଥନ-ପଏଣ୍ଟ ଲେଖିନେବା-ଆଉଟ୍‌ଲାଇନ୍ କରିବା-ଚିଠା ଲେଖିବା-ସମ୍ପାଦନା-କାର୍ଯ୍ୟଶେଷ କରିବା

**144.** ଗୋଟିଏ ସମାଜବିଜ୍ଞାନ କ୍ଲାସରେ ବିଦ୍ୟାର୍ଥୀଗଣ ଶିକ୍ଷକଙ୍କ ବକ୍ତବ୍ୟର ମୁଖ୍ୟ ଉଦ୍ଦେଶ୍ୟ ଜାଣିବାକୁ ଚେଷ୍ଟା କରନ୍ତି ଏବଂ ତାର ନିଷ୍କର୍ଷ ଲେଖିବାକୁ ଚେଷ୍ଟା କରନ୍ତି । ଏହି କୌଶଳକୁ କୁହାଯାଏ -

(1) ଅଧ୍ୟୟନ କୌଶଳ
(2) ଶ୍ରବଣ କୌଶଳ
(3) ଲିଖନ କୌଶଳ
(4) ବୋଧଜ୍ଞାନଗତ କୌଶଳ

**149.** ତ୍ରିଭାଷୀ ସୂତ୍ର ଅନୁସାରେ କେଉଁଟି ସତ୍ୟ ?

(1) ଇଂରାଜୀ/ଘରୋଇ ଭାଷା ମାଧ୍ୟମରେ ସବୁପିଲା ତାଙ୍କର ସ୍କୁଲପଢ଼ା ଆରମ୍ଭ କରିଥାନ୍ତି ଏବଂ ସେମାନେ ନିଜର ହାଇସ୍କୁଲ ପାଠ ଶେଷ କଲାବେଳେ ଅନ୍ତତଃ ଦୁଇଟି ଅଧିକ ଭାଷା ଶିଖିଯାଇଥାନ୍ତି ।

(2) ପ୍ରାଦେଶିକ ଭାଷାରେ ସବୁପିଲା ନିଜର ସ୍କୁଲ ପାଠ ଆରମ୍ଭ କରିଥାନ୍ତି ଏବଂ ହାଇସ୍କୁଲ ପାଠ ଶେଷବେଳକୁ ଅନ୍ତତଃ ଆଉ ଦୁଇଟି ଅଧିକ ଭାଷା ଶିଖିଯାଇଥାନ୍ତି ।

(3) ସରକାରୀ ଭାଷା, ହିନ୍ଦୀରେ ସବୁପିଲା ନିଜର ସ୍କୁଲପାଠ ଆରମ୍ଭ କରିଥାନ୍ତି ଏବଂ ହାଇସ୍କୁଲ ପାଠ ଶେଷ ବେଳକୁ ଅନ୍ତତଃ ଆଉ ଦୁଇଟି ଭାଷା ଶିଖିଯାଇଥାନ୍ତି ।

(4) ନିଜ ମାତୃଭାଷା/ଘରୋଇ ଭାଷାରେ ସବୁପିଲା ସ୍କୁଲପାଠ ଆରମ୍ଭ କରିଥାନ୍ତି ଏବଂ ହାଇସ୍କୁଲ ପାଠ ଶେଷବେଳକୁ ସେମାନେ ଅନ୍ତତଃ ଆଉ ଅଧିକ ଦୁଇଟି ଭାଷା ଶିଖି ଯାଇଥାନ୍ତି ।

**150.** ଶିକ୍ଷଣ ଫଳର ଉଦ୍ଦେଶ୍ୟ ହେଲା ଶିକ୍ଷାର୍ଥୀ __________ ହାସଲ କରିବା ।

(1) କିଛି ପରିମାଣରେ ବ୍ୟାକରଣଗତ ଜ୍ଞାନ

(2) କିଛି ପରିମାଣରେ ଦକ୍ଷତା

(3) ଅଳ୍ପ ପରିମାଣର କୌଶଳ ଶିକ୍ଷା

(4) କିଛି ପରିମାଣରେ ଭାଷାର ଉପାଦାନ

**- o O o -**

